# NATIONAL NEWS BULLETIN (ODIA)

## 25th April - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ସିନ୍ଧୁନଦୀ ଜଳ ଚୁକ୍ତିନାମା ରଦ୍ଦ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଚାଲିଛି ଉଚ୍ଚସ୍ତରୀୟ ବୈଠକ ।
- ଜମ୍ମୁ-କାଶ୍ମୀରର ସୁରକ୍ଷା ସ୍ଥିତି ସମ୍ପର୍କରେ ଶ୍ରୀନଗରଠାରେ ସମୀକ୍ଷା କଲେ ଉପରାଜ୍ୟପାଳ ।
- ଭାଟିକାନ ସିଟିଠାରେ ଆସନ୍ତାକାଲି ପୋପ୍ ଫ୍ରାନ୍ସିସ୍‌ଙ୍କର ହେବ ଶେଷକୃତ୍ୟ ।

— ରୋମ୍‌ରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

— ଭାରତରେ ଆସନ୍ତାକାଲି ପାଳନ କରାଯିବ ରାଷ୍ଟ୍ରୀୟ ଶୋକ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜିର ମ୍ୟାଚ୍‌ରେ ହାଇଦ୍ରାବାଦ ଦଳ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ।

## ଅମିତ୍ ଶାହା - ଇଣ୍ଡସ୍

ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ  ଅଧ୍ୟକ୍ଷତାରେ ତାଙ୍କ ବାସଭବନରେ ପାକିସ୍ତାନ ସହ ହୋଇଥିବା ସିନ୍ଧୁନଦୀ ଜଳ ଚୁକ୍ତିନାମା-୧୯୬୦ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହେଉଛି । ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ଙ୍କ ସହିତ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଛନ୍ତି । ସୂଚନାଯୋଗ୍ୟ, ପହଲ୍‌ଗାମ୍ ଆକ୍ରମଣ ପରେ ପାକିସ୍ତାନ ସହ ପୂର୍ବରୁ ହୋଇଥିବା ସିନ୍ଧୁନଦୀ ଜଳ ଚୁକ୍ତିକୁ ଭାରତ ରଦ୍ଦ କରିଥିଲା ।

## ଏଚ୍.ଏମ୍. - ପାକ୍ ନ୍ୟାସନାଲ୍‌ସ୍

ପହଲ୍‌ଗାମ୍ ଆତଙ୍କବାଦ ଆକ୍ରମଣ ପରେ ଭାରତ ପାକିସ୍ତାନର ନାଗରିକମାନଙ୍କୁ ଦିଆଯାଇଥିବା ଭିସା ରଦ୍ଦ କରିବାର ଗୋଟିଏ ଦିନ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମସ୍ତ ମୁଖ୍ୟମନ୍ତ୍ରୀଙ୍କ ସହ କଥାହୋଇ ସେମାନଙ୍କ ରାଜ୍ୟରେ ଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ କରିବାପାଇଁ କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ମୁଖ୍ୟମନ୍ତ୍ରୀମାନଙ୍କୁ ଭାରତରେ ବସବାସ

କରୁଥିବା ପାକିସ୍ତାନୀ ନାଗରିକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସ୍ୱଦେଶ ଫେରିବାପାଇଁ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି ।

## ଆର୍ମି ଚିଫ୍ ଭିଜିଟ୍ ଜେ.କେ.

ଶ୍ରୀନଗରସ୍ଥିତ ରାଜଭବନରେ ଜମ୍ମୁକାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସ୍ଥିତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ସ୍ଥଳସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀଙ୍କ ସହ ଉତ୍ତରାଞ୍ଚଳ କମାଣ୍ଡ ଲେଫ୍ଟନାଣ୍ଟ ଜେନେରାଲ୍ ଏମ୍.ଭି. ସୁଚିନ୍ଦ୍ର କୁମାର, ସ୍ଥଳସେନା ଉପମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ପ୍ରତୀକ ଶର୍ମା, GOC 15 Corps ଲେଫ୍ଟନାଣ୍ଟ ଜେନେରାଲ୍ ପ୍ରଶାନ୍ତ ଶ୍ରୀବାସ୍ତବ ଉପସ୍ଥିତ ଥିଲେ । ପୂର୍ବରୁ ଆଜି ସକାଳେ ସ୍ଥଳସେନା ମୁଖ୍ୟ ଶ୍ରୀ ଦ୍ୱିବେଦୀ ଶ୍ରୀନଗରରେ ପହଞ୍ଚି ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣର ସୁରକ୍ଷା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ସ୍ଥଳସେନା ମୁଖ୍ୟଙ୍କୁ 15 Corpsର ଜେନେରାଲ କମାଣ୍ଡିଙ୍ଗ୍ ଅଧିକାରୀ ଜମ୍ମୁ-କାଶ୍ମୀରର ସୁରକ୍ଷା ସ୍ଥିତି ସମ୍ପର୍କିତ ସର୍ବଶେଷ ବିବରଣୀ ପ୍ରଦାନ କରିଥିଲେ । ଏହାସହ ଏହି ଆତଙ୍କବାଦୀ ଆକ୍ରମଣ ବିରୋଧରେ ସେନା ପକ୍ଷରୁ କି କି ପଦକ୍ଷେପ ନିଆଯାଇଛି, ସେ ବିଷୟରେ ଜଣାଇବା ସହ ନିୟନ୍ତ୍ରଣ ରେଖାରେ ପାକିସ୍ତାନ ସେନା ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଙ୍ଘନ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ । ଇତିମଧ୍ୟରେ ସ୍ଥଳସେନା ମୁଖ୍ୟ ଦକ୍ଷିଣ କାଶ୍ମୀରର ଅନନ୍ତନାଗ

ଜିଲ୍ଲାର ବୈଶରାନ୍ ବନାଞ୍ଚଳରେ ଥିବା ଗ୍ରାମକୁ ଯାଇ ପହଲ୍‌ଗାମ୍ ଆକ୍ରମଣର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ ।

## ଓ୍ୱାର୍ଲ୍ଡ ଲିଡର - ପହଲ୍‌ଗାମ୍

ବ୍ରିଟେନ୍ ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମର୍ ଏବଂ ନେଦରଲାଣ୍ଡସ୍ ପ୍ରଧାନମନ୍ତ୍ରୀ ଡିକ୍ ସ୍କୁଫ୍ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ କଥା ହୋଇ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି । ଭାରତ ମାଟିରେ ହୋଇଥିବା ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ନିରୀହ ବ୍ୟକ୍ତିଙ୍କ ପ୍ରତି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି । ଏହି ଦୁଃଖଦ ସମୟରେ ବ୍ରିଟେନ୍ ଭାରତର ଜନସାଧାରଣଙ୍କ ସହ ଛିଡ଼ା ହୋଇଛି ବୋଲି ଶ୍ରୀ ଷ୍ଟାର୍ମର୍ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି । ନେଦରଲାଣ୍ଡ ପ୍ରଧାନମନ୍ତ୍ରୀ ଏହି ଅମାନବୀୟ ସୀମାପାର ଆତଙ୍କବାଦୀ ଆକ୍ରମଣକୁ କାପୁରୁଷତା କହି ନିନ୍ଦା କରିଛନ୍ତି । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭାରତ ପ୍ରତି ସମର୍ଥନ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଭାରତ ଆତଙ୍କବାଦ ବିରୋଧରେ ବିଶ୍ୱ ଲଢ଼େଇକୁ ମଜବୁତ କରିବାପାଇଁ ନେଦରଲାଣ୍ଡ ସହ ଘନିଷ୍ଠ ଭାବେ କାର୍ଯ୍ୟ କରିବ ବୋଲି ଶ୍ରୀ ମୋଦି ଜଣାଇଛନ୍ତି ।

# ଏମ୍.ଇ.ଏ. ଏନ୍‌ଭଏଜ୍. ବ୍ରିଫିଙ୍ଗ୍

ନୂଆଦିଲ୍ଲୀରେ ବୈଦେଶିକ ମନ୍ତ୍ରଣାଳୟ’ ଯୁକ୍ତରାଷ୍ଟ୍ର ଆମେରିକା, ଇସ୍ରାଏଲ୍ ଏବଂ ସ୍ପେନ୍‌ର ରାଷ୍ଟ୍ରଦୂତମାନଙ୍କୁ ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ସବିଶେଷ ସୂଚନା ଦେଇଛି । ଗଣମାଧ୍ୟମ ସହ କଥାହୋଇ ଭାରତରେ ଅବସ୍ଥାପିତ ଇସ୍ରାଏଲ୍ ରାଷ୍ଟ୍ରଦୂତ ରେଉଭେନ୍ ଆଜାର କହିଛନ୍ତି, ଏହି ପରିସ୍ଥିତିରେ ଇସ୍ରାଏଲ୍ ଭାରତ ସହ ଛିଡ଼ା ହୋଇଛି । ବୈଦେଶିକ ମନ୍ତ୍ରଣାଳୟ ସହ ସେମାନେ ଆତଙ୍କବାଦ ଏବଂ ଦ୍ୱିପାକ୍ଷିକ ସହଯୋଗ ବିଷୟରେ ଆଲୋଚନା କରିଛନ୍ତି ବୋଲି ଶ୍ରୀ ଆଜାର ଗଣମାଧ୍ୟମକୁ କହିଛନ୍ତି ।

ଆମ ସମ୍ବାଦାତାଙ୍କ ସୂଚନା ଅନୁସାରେ ଭାରତ ଏହି ଆତଙ୍କବାଦ ଆକ୍ରମଣ ସମ୍ପର୍କରେ ଏକ ବ୍ୟାପକ କୂଟନୈତିକ ଅଭିଯାନ ଚଳାଇ ଅନ୍ୟ ଦେଶକୁ ଏ ବିଷୟରେ ସୂଚନା ପ୍ରଦାନ କରିଛି । ମନ୍ତ୍ରଣାଳୟ ଗତକାଲି ଦିଲ୍ଲୀ ସାଉଥ୍ ବ୍ଲକ୍‌ରେ କେତେକ ଦେଶ ଯେପରିକି ଜର୍ମାନୀ, ଜାପାନ, ପୋଲାଣ୍ଡ, ବ୍ରିଟେନ୍ ଏବଂ ରୁଷ୍‌ର ରାଷ୍ଟ୍ରଦୂତମାନଙ୍କ ସହ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛି ।

## ମୁମ୍ବାଇ - ଏନ୍.ଏସ୍.ଇ. - ଟ୍ରାଜେଡ଼ି

ଜମ୍ମୁ-କାଶ୍ମୀର ପହଲ୍‌ଗାମ୍‌ରେ ଘଟିଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣରେ ପୀଡ଼ିତଙ୍କ ପ୍ରତି ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ - ଏନ୍.ଏସ୍.ଇ. ସମବେଦନା ଜଣାଇବା ସହ ସମର୍ଥନ ଜଣାଇଛି । ଏନ୍.ଏସ୍.ଇ. ପ୍ରାଣ ହରାଇଥିବା ନିକଟ ଆତ୍ମୀୟ ସ୍ୱଜନଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିଛି । ଏହି ଦୁଃଖଦ ସମୟରେ ଏନ୍.ଏସ୍.ଇ. ଦେଶ ସହ ଛିଡ଼ାହୋଇ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛି ।

## ପ୍ରେଜ୍ - ଭାଟିକାନ ସିଟି

ପୋପ୍ ଫ୍ରାନ୍ସିସ୍‌ଙ୍କର ଶେଷକୃତ୍ୟରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାଟିକାନ ସିଟିଠାରେ ପହଞ୍ଚିଛନ୍ତି । ଏହି ଦୁଇଦିନିଆ ଗସ୍ତରେ ରାଷ୍ଟ୍ରପତିଙ୍କ ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ୍ କୁରିଆନ ଏବଂ ଗୋଆ ବିଧାନସଭାର ଉପବାଚସ୍ପତି ଜୋସୁଆ ଡି. ସୌଜା ଯାଇଛନ୍ତି ।

ରାଷ୍ଟ୍ରପତି ମୁର୍ମୁ ଭାରତ ସରକାର ଏବଂ ଦେଶବାସୀଙ୍କ ପକ୍ଷରୁ ପୋପ୍‌ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ।

ଅନ୍ୟପକ୍ଷରେ ଆସନ୍ତାକାଲି ପୋପ୍‌ଙ୍କର ଶେଷକୃତ୍ୟ ଅବସରରେ ଭାରତରେ ରାଷ୍ଟ୍ରୀୟ ଶୋକ ପାଳନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି । ମନ୍ତ୍ରଣାଳୟ କହିଛି ଆସନ୍ତାକାଲି ଜାତୀୟ ପତାକା ଅର୍ଦ୍ଧନମିତ ରହିବା ସହ କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ ।

## ଇସ୍ରୋ ଚେୟାରମ୍ୟାନ୍ ପାସ୍‌ଡ୍ ଆୱେ

ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ତଥା ଭାରତୀୟ ଜାତୀୟ ଶିକ୍ଷାନୀତିର ମୁଖ୍ୟ ପୁରୋଧା ଡକ୍ଟର କେ. କସ୍ତୁରୀରଙ୍ଗନଙ୍କର ଆଜି ସକାଳେ ବେଙ୍ଗାଲୁରୁସ୍ଥିତ ତାଙ୍କ ବାସଭବନରେ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଇସ୍ରୋର ଅଧ୍ୟକ୍ଷ ଭାବେ ଡକ୍ଟର କସ୍ତୁରୀରଙ୍ଗନ ପି.ଏସ୍.ଏଲ୍.ଭି.ର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଭାରତର ସବୁଠାରୁ ବିଶ୍ୱସନୀୟ ଉପଗ୍ରହ ଉତ୍‌କ୍ଷେପଣକାରୀ ହୋଇପାରିଥିଲା । ସେ ୨୦୦୩ ଅଗଷ୍ଟ ୨୭ରେ ଇସ୍ତଫା ଦେବା ପୂର୍ବରୁ ୯ ବର୍ଷରୁ ଅଧିକ ସମୟ ଧରି ଭାରତୀୟ ମହାକାଶ କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହ ଜେ.ଏନ୍.ୟୁ.ର କୁଳପତି ଏବଂ କର୍ଣ୍ଣାଟକ ଜ୍ଞାନ ଆୟୋଗର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ । ବେଙ୍ଗାଲୁରୁର ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍ସଡ୍ ଷ୍ଟଡିଜ୍‌ର ମଧ୍ୟ ସେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଗବେଷଣା ଏବଂ ଶିକ୍ଷାକୁ ବିଶେଷ ଗୁରୁତ୍ୱ

ପ୍ରଦାନ କରିଥିଲେ । ସେ ୨୦୦୩ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟସଭାର ସଦସ୍ୟ ଥିଲେ । ଆସନ୍ତା ରବିବାର ସକାଳ ୧୦ଟାରୁ ୧୨ଟା ମଧ୍ୟରେ ବେଙ୍ଗାଲୁରୁର ପ୍ରସିଦ୍ଧ ବୈଜ୍ଞାନିକମାନେ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର କାର୍ଯ୍ୟସୂଚୀ ରହିଛି ।

## ଭି.ପି. - କସ୍ତୁରୀରଞ୍ଜନ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ପ୍ରସିଦ୍ଧ ମହାକାଶ ବିଜ୍ଞାନୀ ତଥା ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ. କସ୍ତୁରୀ ରଙ୍ଗନଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଧନଖଡ୍ କହିଛନ୍ତି, ଭାରତୀୟ ମହାକାଶ ଗବେଷଣା ପ୍ରକ୍ରିୟାକୁ ଡକ୍ଟର କସ୍ତୁରୀରଙ୍ଗନ ବିଶ୍ୱ ସ୍ତରରେ ପହଞ୍ଚାଇଥିଲେ । ଏ ଦିଗରେ ତାଙ୍କର ବିଭିନ୍ନ ଗବେଷଣା ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି । ଭାରତୀୟ ଶିକ୍ଷାନୀତିକୁ ଏକ ସଠିକ୍ ଦିଶା ପ୍ରଦାନ କରିବାରେ ତାଙ୍କର ଅମୂଲ୍ୟ ଅବଦାନକୁ ଉପରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଛନ୍ତି । ପଦ୍ମଶ୍ରୀ, ପଦ୍ମଭୂଷଣ ଏବଂ ପଦ୍ମବିଭୂଷଣରେ ସମ୍ମାନିତ ଡକ୍ଟର କସ୍ତୁରୀରଙ୍ଗନ ରାଷ୍ଟ୍ର ନିର୍ମାଣରେ ତାଙ୍କର ଅଭୂତପୂର୍ବ ନେତୃତ୍ୱ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି । ଏହି ଦୁଃଖଦ ସମୟରେ ଉପରାଷ୍ଟ୍ରପତି ମୃତକଙ୍କ ପରିବାର ଏବଂ ଆତ୍ମୀୟସ୍ୱଜନଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ଡକ୍ଟର କେ. କସ୍ତୁରୀରଙ୍ଗନଙ୍କ ବିୟୋଗରେ ଶୋକ ପ୍ରକାଶ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ ଦେଶପ୍ରତି ନିଃସ୍ୱାର୍ଥପର ସେବା ଓ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ।

## ମୁମ୍ବାଇ - ଗୋୟଲ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ଭାରତ ବିଶ୍ୱ ଇସ୍ପାତ ଚାହିଦା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି । ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ଷ୍ଟିଲ୍ ଷଷ୍ଠ ଅନ୍ତର୍ଜାତୀୟ ପ୍ରଦର୍ଶନୀ ଏବଂ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ କହିଛନ୍ତି, ସରକାର ଘରୋଇ ଇସ୍ପାତ ଶିଳ୍ପକୁ ସଫଳତା ଦେବାପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି । ଦେଶର ଇସ୍ପାତ ଶିଳ୍ପ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ବୋଲି ଏହାର ପରିଚୟ ରହିଛି । ସରକାରଙ୍କ ସହ ସହଭାଗିତାରେ କାର୍ଯ୍ୟ କରିବାକୁ ଶିଳ୍ପପତିମାନଙ୍କୁ ଶ୍ରୀ ଗୋୟଲ ଆହ୍ୱାନ କରିଛନ୍ତି । କମ୍ ଖର୍ଚ୍ଚରେ ଉଚ୍ଚ ଗୁଣବତ୍ତାସମ୍ପନ୍ନ ଇସ୍ପାତ ରପ୍ତାନୀ କରିବାପାଇଁ  ୟୁରୋପୀୟ ସଂଘ ଭଳି ଦେଶଗୁଡ଼ିକ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉପରେ ଭାରତ ଆଲୋଚନା କରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଏସ୍.ସି. - ରାହୁଲ୍

ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାଭରକରଙ୍କ ଉପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଅପମାନଜନକ ମନ୍ତବ୍ୟ ଦେଇଥିବାରୁ ସୁପ୍ରିମ୍‌କୋର୍ଟ ତାଙ୍କୁ ଭର୍ତ୍ସନା କରିଛନ୍ତି । ବିଚାରପତି ଜଷ୍ଟିସ୍ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ ଶ୍ରୀ ଗାନ୍ଧିଙ୍କୁ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେବାରୁ ନିବୃତ୍ତ ରହିବାକୁ କହିଛନ୍ତି । ସୂଚନାଯୋଗ୍ୟ, ଗତ ନଭେମ୍ବର ୨୦୨୨ରେ ମହାରାଷ୍ଟ୍ରର ଆକୋଲାରେ ରାହୁଲ ଗାନ୍ଧି 'ଭାରତ ଯୋଡ଼ୋ' ଯାତ୍ରାରେ ଶ୍ରୀ ସାଭରକରଙ୍କ ଉପରେ ଏଭଳି ମନ୍ତବ୍ୟ ଦେଇଥିବାର ଅଭିଯୋଗ ହୋଇଥିଲା ।

## ବାନ୍ଦିପୋରା ଏନ୍‌କାଉଣ୍ଟର

ଜାମ୍ମୁ-କାଶ୍ମୀରର ବାନ୍ଦୀପୋରା ଜିଲ୍ଲାର ବାଜିପୋରା କୁଲନାର ଅଞ୍ଚଳରେ ଚାଲିଥିବା ଆତଙ୍କବାଦୀ ନିରୋଧ ଅଭିଯାନରେ ଏକ ଆତଙ୍କବାଦୀ ସହଯୋଗୀର ମୃତ୍ୟୁ ଘଟିଛି । ସେନା ଓ ଜାମ୍ମୁକାଶ୍ମୀର ପୁଲିସର ମିଳିତ ବାହିନୀ ଲସ୍କର-ଇ-ତୋୟବା ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ଆଲ୍‌ତଫ୍ ଲାଲ୍ଲିର ମୃତ୍ୟୁ ଘଟିଛି । ଏହାପୂର୍ବରୁ ଘଞ୍ଚ ଜଙ୍ଗଲରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ

ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ସେହି ସମୟରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ସେଠାରେ ତଲାସୀ ଅଭିଯାନ ଜାରି ରହିଥିବା ସୂଚନା ମିଳିଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଆଉ କିଛି ସମୟ ପରେ ଚେନ୍ନାଇର ଏମ୍ ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ମୁକାବିଲା ହେବ । ହାଇଦ୍ରାବାଦ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' ରାଜସ୍ଥାନ ରୟାଲ୍ସକୁ ୧୧ ରନ୍‌ରେ ପରାସ୍ତ କରିଥିଲା ।

## ୱେଭ୍‌ସ୍

ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍‌ସ୍-୨୦୨୫ ସଂକ୍ରାନ୍ତ ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ କମିଟି-ଆଇଏମ୍‌ପିସିସି ବୈଠକ ଆଜି ଅନୁଷ୍ଠିତ ହୋଇଛି। ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ

ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆକାଶବାଣୀ କଟକ କେନ୍ଦ୍ରଠାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଗଣମାଧ୍ୟମ ସହିତ ଜଡିତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ୱେଭ୍ସ୍ ସମ୍ମିଳନୀକୁ କିପରି ଅଧିକରୁ ଅଧିକ ପ୍ରଚାର ପ୍ରସାର କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନର ମୁଖ୍ୟ ପ୍ରଫେସର ଆନନ୍ଦ ପ୍ରଧାନ ତାଙ୍କର ଉଦ୍‌ବୋଧନରେ କହିଥିଲେ, ମନୋରଞ୍ଜନ ସମ୍ପର୍କିତ କଳାକାରମାନଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ଏହି ୱେଭ୍ସ୍ ପ୍ଲାଟଫର୍ମ ସହାୟତା ଯୋଗାଇବ। ୱେଭ୍ସ ଏବଂ ଗଣମାଧ୍ୟମର ଭୂମିକା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଅନ୍ୟତମ ବକ୍ତା ଜ୍ୟୋତିପ୍ରକାଶ ମହାପାତ୍ର ତାଙ୍କର ବକ୍ତବ୍ୟ ରଖିଥିଲେ। ୱେଭ୍ସ୍ ସମ୍ମିଳନୀ ଆସନ୍ତା ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ।

*****